# ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ବିନିକା

NOTIFIED AREA COUNCIL * BINKA, SUBARNAPUR *

ଜିଲ୍ଲା: ସୁବର୍ଣ୍ଣପୁର, e-mail ID: nacbinka@gmail.com, Phone/fax: ୦୬୬୫୪-୨୪୧୧୧୩

ପତ୍ର ସଂଖ୍ୟା. 1639 ତା.....05...../.....08...../୨୦୨3

(ପୌର ଅଧିନିୟମ ୧୯୫୦ ଧାରା ୨୫୪ (୧) ଅନୁଯାୟୀ)

## ନୋଟିସ

**ବିଷୟ - ଏମଡ଼ିଆର-୩୯ ରାଜପଥ କଡରୁ ସାତ ଦିନ ମଧ୍ୟରେ ବେଆଇନ ଜବରଦଖଲ ଅପସାରଣ ସମ୍ବନ୍ଧେ**

**ମହାଶୟ,**

ଏତଦ୍ୱାରା ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିନସ୍ଥ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଏମଡ଼ିଆର-୩୯ ରାଜପଥ (ବିନିକା ସହରାଞ୍ଚଳ ଭାଗ ୨୧/୮୦୦ ରୁ ୨୫/୮୦୦) ଉଭୟ ପାର୍ଶ୍ୱ ସରକାରୀ ଜାଗା ଯାହା ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ, ସେହିଜାଗାକୁ ଜବରଦଖଲ କରି କାଠ କେବିନ/ଦୋକାନ ଘର କରି ରାସ୍ତା ଅବରୋଧ କରିଛନ୍ତି ଯାହା ଫଳରେ ଦୁର୍ଘଟଣା ଘଟୁଛି ଓ ଡ୍ରେନ ମାଧ୍ୟମରେ ବନ୍ୟା ଜଳ ନିଷ୍କାସନ ହୋଇନପାରି ପରିବେଶ ଦୂଷିତ ହେବା ସଙ୍ଗେ ସଙ୍ଗେ ଯାନବାହାନ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଅଛି। ଏଥିପାଇଁ ଏମଡ଼ିଆର-୩୯ ନମ୍ବର ରାଜପଥ (ବିନିକା ସହରାଞ୍ଚଳ ଭାଗ ୨୧/୮୦୦ ରୁ ୨୫/୮୦୦) ପ୍ରଶସ୍ତି କରଣ ଏବଂ ଡ୍ରେନ ନିର୍ମାଣ ପାଇଁ ପ୍ରଶାସନ ତରଫରୁ ଗତ **ତା.୦୬.୧୨.୨୦୨୨ ରିଖ** ଦିନ ସରକାରୀ ଜମି ଚିହ୍ନଟ କରଯାଇଥିଲା। ମ୍ୟୁନିସିପାଲ ଆଇନ ୧୯୫୦ ର ଧାରା ୨୫୪ ଅନୁଯାୟୀ ଏହି ଘୋଷଣାନାମା ମାଧ୍ୟମରେ ଆପଣମାନଙ୍କୁ ଜଣାଇଦିଆଯାଉଅଛି କି ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱ ଚିହ୍ନିତ ସରକାରୀ ଜମିରେ ଥିବା ବେଆଇନ ଅବରୋଧ ଓ ନିର୍ମାଣ ନିଜ ଖର୍ଚ୍ଚରେ ଏହି ଘୋଷଣାନାମା ପ୍ରକାଶନର **୭(ସାତ)** ଦିନ ମଧ୍ୟରେ ଅର୍ଥାତ ଆସନ୍ତା **ତା. ୧୪.୦୮.୨୦୨୩ ରିଖ** ସୁଦ୍ଧା ହଟାଇ ନିଅନ୍ତୁ । ନଚେତ ସାଧାରଣ ଜନତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦିଆଯାଇଥିବା ସମୟ ପରେ ଯେ କୌଣସି ଦିନ ଉକ୍ତ ସରକାରୀ ଜମିରୁ ପରିଷଦ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆପଣ ମାନଙ୍କୁ ବେଦଖଲ କରାଯିବ। ସେଥିରେ ଘଟିତ କୋଣସି ପ୍ରକାର କ୍ଷୟକ୍ଷତି ପାଇଁ ଜିଲ୍ଲା ପ୍ରଶାସନ ବା ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବିନିକା
Executive Officer
N.A.C., BINKA

**ଜ୍ଞାପକ ସଂଖ୍ୟା-** 1640 **ତା-** 05.08.2023

ଏହାର ଏକକିତା ନକଲ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା/ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପରିଷଦ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ସ୍ଥାନିତ କରାଗଲା ଓ DIO, ସୁବର୍ଣ୍ଣପୁର ଙ୍କୁ ଜିଲ୍ଲା website ରେ ସ୍ଥାନିତ କରିବା ପାଇଁ ଅନୁରୋଧ କରାଗଲା।

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବିନିକା
Executive Officer
N.A.C., BINKA

**ଜ୍ଞାପକ ସଂଖ୍ୟା-** 1641 **ତା-** 05.08.2023

ଏହାର ଏକକିତା ନକଲ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ସୁବର୍ଣ୍ଣପୁର /ପ୍ରକଳ୍ପ ନିର୍ଦ୍ଦେଶକ , ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, ସୁବର୍ଣ୍ଣପୁର/ ତହସିଲଦାର ବିନିକା / ଥାନା ଅଧିକାରୀ ବିନିକାଙ୍କ ସଦ୍ୟ ଅବଗତି ଓ ଭିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବିନିକା
Executive Officer
N.A.C., BINKA